# 13th round of India-China Corps Commander Level Meeting

October 11, 2021

## ଭାରତ-ଚୀନ ମଧ୍ୟରେ ତ୍ରୟୋଦଶ ପର୍ଯ୍ୟାୟ କର୍ପସ୍ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ

**ଅକ୍ଟୋବର 11, 2021**

ଭାରତ-ଚୀନ ମଧ୍ୟରେ ତ୍ରୟୋଦଶ ପର୍ଯ୍ୟାୟ କର୍ପସ୍ କମାଣ୍ଡରସ୍ତରୀୟ ବୈଠକ 10 ଅକ୍ଟୋବର 2021 ରେ ଚୁସୁଲ-ମୋଲଡୋ ସୀମା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବ ଲଦାଖରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ବାକି ସମସ୍ୟାର ସମାଧାନ ପାଇଁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଇଥିଲା। ଭାରତୀୟ ପକ୍ଷ ସୂଚାଇ ଦେଇଥିଲେ ଯେ ଚୀନ ଦ୍ୱିପାକ୍ଷିକ ଚୁକ୍ତିନାମାକୁ ଉଲ୍ଲଂଘନ କରି ଯଥାସ୍ଥିତିକୁ ପରିବର୍ତ୍ତନ କରିବାକୁ ଏକପାଖିଆ ପ୍ରୟାସ କରିବା ଦ୍ୱାରା ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ଚୀନ ପକ୍ଷ ବାକି ଅଞ୍ଚଳରେ ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ଯାହା ଦ୍ୱାରା ପଶ୍ଚିମ କ୍ଷେତ୍ରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିହେବ। ଏହା ମଧ୍ୟ ଦୁଶାନବେଠାରେ ସମ୍ପ୍ରତି ହୋଇଥିବା ବୈଠକରେ ଦୁଇ ଦେଶର ବୈଦେଶିକ ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ମାର୍ଗଦର୍ଶନ ଅନୁଯାୟୀ ହେବ ଯେଉଁଠାରେ ଉଭୟ ପକ୍ଷ ବାକି ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ଉଚିତ ବୋଲି ସହମତ ହୋଇଥିଲେ। ଅବଶିଷ୍ଟ ଅଞ୍ଚଳରେ ସମସ୍ୟାର ସମାଧାନ ଦ୍ୱାରା ଦ୍ୱିପାକ୍ଷିକ ସଂପର୍କରେ ଅଗ୍ରଗତି ସହଜ ହେବ ବୋଲି ଭାରତୀୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଭାରତୀୟ ପକ୍ଷ ଅବଶିଷ୍ଟ ଅଞ୍ଚଳରେ ସମସ୍ୟାର ସମାଧାନ ପାଇଁ ଗଠନମୂଳକ ପରାମର୍ଶ ଦେଇଥିଲେ କିନ୍ତୁ ଚୀନ ପକ୍ଷ ଏଥିରେ ସହମତ ହୋଇନଥିଲେ ଏବଂ କୌଣସି ଆଗକୁ ବଢିବା ଭଳି ପ୍ରସ୍ତାବ ମଧ୍ୟ ଦେଇପାରିନଥିଲେ। ଅବଶିଷ୍ଟ ଅଞ୍ଚଳରେ ସମସ୍ୟାର ସମାଧାନ ପାଇଁ ଏହି ବୈଠକରୁ କୌଣସି ଫଳାଫଳ ମିଳିନଥିଲା।

ଗାଯୋଗ ଜାରି ରଖିବା ଏବଂ ଭୂମିସ୍ତରରେ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ଆମେ ଆଶାକରୁଛୁ ଯେ ଦ୍ୱିପାକ୍ଷିକ ସମ୍ପର୍କର ସାମଗ୍ରିକ ଦୃଷ୍ଟିକୋଣକୁ ଚୀନ ପକ୍ଷ ନଜରରେ ରଖି ଦ୍ୱିପାକ୍ଷିକ ଚୁକ୍ତିନାମା ଓ ପ୍ରୋଟୋକଲଗୁଡିକୁ ସମ୍ପୂର୍ଣ୍ଣରୂପେ ପାଳନ କରିବ ଏବଂ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନ ଦିଗରେ କାର୍ଯ୍ୟ କରିବ।

**ନୂଆଦିଲ୍ଲୀ**

**ଅକ୍ଟୋବର 11, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.